# ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା


ଧରାକୋଟ


ଗଞ୍ଜାମ


ଛତ୍ରପୁର


କବିସୂର୍ଯ୍ୟନଗର


ପାରଳାଖେମୁଣ୍ଡି


ଖଜୁରିପଡ଼ା


ବୁଗୁଡ଼ା


ଶେରଗଡ଼


ହିଞ୍ଜିଳିକାଟୁ

## କମ୍ପାନୀ ଗାଡ଼ିରୁ ଖସି ଓଡ଼ିଆ ଦାଦନ ଶ୍ରମିକ ମୃତ

ପାତ୍ରପୁର,୯।୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଖାରିଆଗୁଡା ପଞ୍ଚାୟତ ଖାରିଆନାଳ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଗାଡ଼ିରୁ ଖସି କର୍ଣ୍ଣାଟକରେ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ଦେବରାଜ ଶବର। ଗତ ଦୁଇ ମାସ ପୂର୍ବେ ଦେବରାଜ କର୍ଣ୍ଣାଟକର ଧରୁଆଡ଼ ଜିଲା ମାଣ୍ଡିଆଲା ସ୍ଥିତ ଏକ ପାଇପ ଲାଇନ କମ୍ପାନୀରେ ଦାଦନ ଖଟିବାକୁ ଯାଇ ଥିଲେ। ସେଠାରେ ଜେଏସବି ନାମକ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ରବିବାର କମ୍ପାନୀ ଗାଡ଼ିରେ ବଜାରକୁ ଯାଇ ଫେରୁଥିବା ବେଳେ ସେ ଗାଡ଼ିରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଦେବରାଜଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ସୋମବାର କର୍ଣ୍ଣାଟକରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ କମ୍ପାନୀ ପକ୍ଷରୁ ଗ୍ରାମକୁ ଅଣାଯିବ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି। ମୃତକଙ୍କ ପରିବାର ଗିରିବ ହୋଇଥିବାରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ୨ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଆସିକା,୯।୧(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ୨୦୧୫ ଜୁଲାଇ ୩୦ ତାରିଖରେ ସେହି ଗ୍ରାମର ଜୟ ପାଳଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ମାମଲାର ବିଚାର କରି ମଙ୍ଗଳବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ୫ଭାଇଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ହତ୍ୟା ଅଭିଯୋଗରେ ପଞ୍ଚାନନ ପାତ୍ର ଓରଫ ପଞ୍ଚା ଓ ମନୋଜ ପାତ୍ର ଓରଫ ଟୁନାଙ୍କୁ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅଦାଦାୟ ଅଧିକ ୪ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି କାଲୁଙ୍କୁ ବେଆଇନ ଭାବେ ଅଟକାଇବା ଅଭିଯୋଗରେ ଅନ୍ୟ

**ଜୟ ପାଳ ହତ୍ୟା ମାମଲା**

୩ ଭାଇ ପୂର୍ଣ୍ଣଚନ୍ଦ୍ର ପାତ୍ର, ସୀମାଞ୍ଚଳ ପାତ୍ର ଓ ସନ୍ତୋଷ ପାତ୍ରଙ୍କୁ ଏକ ମାସ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜୟଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ୧୦ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ।

୨୦୧୫ ଜୁଲାଇ ୩୦ ତାରିଖ ସନ୍ଧ୍ୟାରେ ଜୟ ଓ ତାଙ୍କ ଶ୍ୱଶୁର ଏକ ବାଇକରେ ଆସିକାରୁ ମଙ୍ଗଳପୁର ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଗାଁ ମୁହଁରେ ସେମାନଙ୍କୁ ଅଟକାଇ କାଠ ଫାଳିଆରେ ଜୟଙ୍କୁ ନିର୍ଘୁମ ପିଟିଥିଲେ। ଘଟଣାସ୍ଥଳରେ ଜୟଙ୍କ ମୃତ୍ୟୁ ଘଟିଥିଲା। ଜୟଙ୍କ ଶ୍ୱଶୁର ବାଇନାଥ ପାତ୍ର ଏ ନେଇ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୫/୧୫ରେ ମାମଲା ରୁଜୁ କରିଥି A ଲା । ତତ୍କାଳୀନ ଥାନା ଅଧିକାରୀ ବାଲେଶ୍ୱର ଗିଧି ମାମଲାର ତଦନ୍ତ କରି କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ସରକାରଙ୍କ ପକ୍ଷରୁ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ଲଢୁଥିଲେ।

## କାର୍ ସହ ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର,୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଛକରୁ ଏକ କାର୍ ସହ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଅବକାରୀ ଗୋଇନ୍ଦା ବିଭାଗ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଦଳା ଥାନା ଅଞ୍ଚଳର ଦୀପକ ମୁନି, ସୋନୁ ନାୟକ ଓ ରୋହିତ ନାୟକ। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। କୋଦଳା ଅଞ୍ଚଳର କେତେଜଣ ଯୁବକ ଏକ କାରରେ ଗଞ୍ଜେଇ ଚାଲାଣ କରୁଥିବା ନେଇ ଖବର ମିଳିଥିଲା। ତେଣୁ ଅବକାରୀ ଗୋଇନ୍ଦା ବିଭାଗର ଟିମ୍ କନିଷି ନିକଟରେ ଜଗି ରହି ଦ୍ରୁତଗତିରେ ଯାଉଥିବା କାରକୁ ଅଟକ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ଜବତ ହେବା ସହିତ ଅବକାରୀ ଟିମ୍ ୩ଜଣଙ୍କୁ କାବୁ କରିଥିଲାଠ ଏହି ଗଂଜେଇ ଆନ୍ଧ୍ର ଚାଲାଣ କରାଯାଇଥାନ୍ତା ବୋଲି ତଦନ୍ତରେ ଜଣାପଡ଼ିଛିଠ ଅବକାରୀ ଗୁଇନ୍ଦା ବିଭାଗ ଉପଅଧୀକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଚଢ଼ କରାଯାଇଥିଲା।

## ସୀତାଂଶୁ, ରାଜୀବଙ୍କୁ ଶୁଭେଚ୍ଛା

ବ୍ରହ୍ମପୁର,୯।୧(ନରସିଂହ ସାହୁ)

ରାଜ୍ୟ ଆଇନଜୀବୀ ପରିଷଦ (ଓଡ଼ିଶା ବାର କାଉନସିଲ)ର ନବ ନିର୍ବାଚିତ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଭୟଙ୍କୁ ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ସଞ୍ଜିତ କୁମାର ପାଣିଗ୍ରାହୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ରାସ୍ତାର ଶୁଭଦେଲେ ବିଧାୟିକା


ବିଧାୟିକା ଓ ଅନ୍ୟମାନେ ରାସ୍ତାର ଶୁଭ ଦେଉଛନ୍ତି।

କବିସୂର୍ଯ୍ୟନଗର,୯।୧(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁର ପଞ୍ଚାୟତଠାରୁ କବିସୂର୍ଯ୍ୟନଗର ଖରିଡା ରାସ୍ତା ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ୪ କୋଟି ୨୨ଲକ୍ଷ ଅନୁଦାନ ମଞ୍ଜୁର କରିଛନ୍ତି । ଏହି ରାସ୍ତା କବିସୂର୍ଯ୍ୟନଗର ସହ ନୂତନ କନ୍ଦ ଖରିଡା, ଗଙ୍ଗାପୁର, ପିଠାପୁର, ବଡଆଗୁଳ ଆଦି ଗ୍ରାମ ରାସ୍ତା ଯୋଡି ହେବ । କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କରଣ କୁମାର ସେଠିଙ୍କ ସଭାପତିତ୍ୱରେ ବୈଠକରେ ବିଧାୟିକା ପ୍ରଧାନ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଗଙ୍ଗାପୁର ସରପଞ୍ଚ ଝୁନୁ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ବ୍ଲକ ବଡମହୁରୀ ଠାରୁ ସାମନ୍ତରତ୍ନପଲ୍ଲୀ ରାସ୍ତାର ପ୍ରଶସ୍ତୀକରଣ ଲାଗି ମୁଖ୍ୟମନ୍ତ୍ରୀ ୮କୋଟି ୬୦ଲକ୍ଷ ଓ ପଥରା ପଲ୍ଲୀ ପୂର୍ତ୍ତବିଭାଗ ରାସ୍ତାଠାରୁ ବଡ଼ମହୁରି ଭାୟା କମଳପୁର ରାସ୍ତାର ସଂଯୋଗୀ କରଣ ଲାଗି ୩କୋଟି ୬୭ଲକ୍ଷ ବ୍ୟୟ ମଂଜୁର କରିଛନ୍ତି। ଏପରି ମୋଟ ୧୬କୋଟି ୪୯ଲକ୍ଷର ରାସ୍ତା କାର୍ଯ୍ୟ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବା ସହ ଉକ୍ତ ରାସ୍ତାରେ ଲକ୍ଷ୍ମୀ ବସ ଦୌଡିବ ବୋଲି ବିଧାୟିକା ଆଶା ବ୍ୟକ୍ତ କରିଛନ୍ତି। ସଭାପତିତ୍ୱ କରିଥିଲେ ବଡ଼ମହୁରି ସମିତି ସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ ଓ ଅତିଥି ଭାବେ ବୁଡ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ଓ ସମିତିସଭ୍ୟ ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ,ସୋସାଇଟି ସଭାପତି ଯୋଗେନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ଉପନିର୍ବାହୀ ଯନ୍ତ୍ରୀ ବାଦଲ ପାଢ଼ୀ, କନିଷ୍ଠ ଯନ୍ତ୍ରୀ ଗିରିଶ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ।

## ପାତ୍ରପୁରରେ ଭାଜପାର ମିଶ୍ରଣ ପର୍ବ

ପାତ୍ରପୁର,୯।୧(ଉମା ଚରଣ ନେପାକ)

ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚିକିଟି ବ୍ଲକ ଝାଟିପଦର ପଞ୍ଚାୟତ ଝାଟିପଦର ଗ୍ରାମର ୧୩ ପରିବାର ତଥା ଅସନ୍ତୁଷ୍ଟ ବିଜେଡି କାର୍ଯ୍ୟକର୍ତ୍ତା ଶାସକ ଦଳର ଏକଛତ୍ରବାଦ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଭାଜପା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ କାର୍ଯ୍ୟଶୈଳିରେ ଅନୁପ୍ରାଣୀତ ହୋଇ ବିଜେଡି ଦଳ ପରିତ୍ୟାଗ କରି ଭାଜପାରେ ଯୋଗଦାନ କରିଛନ୍ତି। ଝାଟିପଦର ପଞ୍ଚାୟତ ବିଜେଡିର ଗଡ ଥିବା ବେଳେ ଭାଜପାର ମିଶ୍ରଣ ପର୍ବ ବିଜେଡି ପାଇଁ ଶକ୍ତ ଧକ୍କା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।ଏହି ମିଶ୍ରଣ ପର୍ବରେ ପି ଗୋପାଳ ରେଡ଼ି, ପି ସୂର୍ଯ୍ୟନାରାୟଣ ରେଡ଼ି, ଜି. ନାରସିଙ୍ଗଲୁ, ବି. ନାରାୟଣ, ପି. କ୍ଷୀରମଣି, ପି. ଦେବେନ୍ଦ୍ର, କେ. ଚନ୍ଦ୍ରୟା, ପି. ଆନନ୍ଦ ରେଡ଼ି, ଜି. ବୈରାଗୀ, ବି. ଟିନେୟା, ଡି. ଶ୍ରୀନିବାସ, ପି. ମୋହନ ରେଡ଼ି, ପି. ଖିରମଣୀ ପ୍ରମୁଖ ଭାଜପାରେ ଯୋଗଦାନ କରିଥିବା ଦେଖିବାକୁ ମିଳିଛି। ଏହି ମିଶ୍ରଣ ପର୍ବରେ ପିତାତଳି ମଣ୍ଡଳ ସଭାପତି ଏସ. ରେଣୁକେଶର ରାଓ, ରୁଷି ରେଡ଼ି, ରାଜୁ ରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

## ଜନଜାତି ମହୋତ୍ସବ ଶୁଭାରମ୍ଭ

### ପାରମ୍ପରିକ ନୃତ୍ୟ, ସଙ୍ଗୀତରେ ଦୁଲୁକିଲା ମଞ୍ଚ

ଦାରିଙ୍ଗବାଡି, ୯ ।୧ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକରେ ମଙ୍ଗଳବାର ଜନଜାତି ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଯାଇଛି। ବିଧାନସଭାର ଉପ-ବାଚସ୍ପତି ସାଲୁଗା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭିନ୍ନକ୍ଷମ, ସାମାଜିକ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସାମାଜିକ ଓ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (କନ୍ଧମାଳ )ର ଅଧ୍ୟକ୍ଷ ରଦନ ମଲିକ, ଉପାଧ୍ୟକ୍ଷା ନଳିନୀ କଂହର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମଚାନ୍ଦ ପ୍ରଧାନ, ତହସିଲଦାର ଶରତ ଶବର,ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଭ୍ୟା ରଞ୍ଜିତା ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ବିଡିଓ ଗଦାଧର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଶିବାନନ୍ଦ ବାରିକ ଏବଂ ସରୋଜିନୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚରେ ଜନଜାତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୁଇ ଗୀତ ଓ ଢୋଲ, ମହୁରୀ ଚାଙ୍ଗୁ ବାଦ୍ୟରେ ମଞ୍ଚ ଦୁଲୁକିଥିଲା। ସେହିପରି କଟକ ଜିଲାରୁ ଆସିଥିବା ମୟୂରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା, ପୁରୀରୁ ମାଲଖାମ ନୃତ୍ୟ, ଏବଂ ସର୍ଗିଫୁଲ ନୃତ୍ୟ ଜିଲାର ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଜନଜାତି କଳାକାରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ସେହିପରି ସ୍ଥାନୀୟ ଜାର୍ଗୀସରୁ କୁଇ କଳାପରିଷଦ ପକ୍ଷରୁ ମଞ୍ଚରେ ଜନଜାତି ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏହି ଅବସରରେ ବିଡିଓ ଗଦାଧର ପାତ୍ରଙ୍କ ଦ୍ୱାରାଦାରିଙ୍ଗବାଡି ସମ୍ପର୍କିତ ଅଭୁଲାସ୍ମୃତି ପୁସ୍ତକ ଉନ୍ମୋଚନ ହୋଇଥିଲା। ସେହିପରି ଚାଲ ବୁଲେଇନେବି ଦାରିଙ୍ଗବାଡି ସଙ୍ଗୀତ ଯାହା କି ବିଡିଓଙ୍କ ଦ୍ୱାରା ରଚନା ସଂଗୀତକୁ ଅତିଥିମାନଙ୍କ ଦ୍ୱାରା ରିଲିଜ କରାଯାଇଥିଲା।



ଜନଜାତି ମହୋତ୍ସବର ଉଦ୍‌ଘାଟନୀ ଦିବସରେ ଯୋଗଦେଇଥିବା ଅତିଥିମାନେ।

## ଶେଷ ସନ୍ଧ୍ୟାରେ ମନ ମୋହିଲା 'ସଠିକ ବିଚାର'

ବ୍ରହ୍ମପୁର,୯।୧
(ସ୍ମୃତି ରଞ୍ଜନ ମହାଲିକ)

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ତଥା ୩୩ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ମଙ୍ଗଳବାର ସରିଛି। ଉଦଯାପନୀ ସନ୍ଧ୍ୟାରେ ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ସୁରଳ ଶ୍ରୀନରସିଂହଙ୍କ ପ୍ରଯୋଜିତ ଓ ନାଟ୍ୟ ସଂସଦ କଳାକାରଙ୍କ ଦ୍ୱାରା ନଟରାଜ ଡା ତିରୁପତି ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ସଠିକ ବିଚାର' ମଞ୍ଚସ୍ଥ ହୋଇଥିଲା। ନାଟକରେ ଡା ତିରୁପତି ସାହୁ, ଯୁଧିଷ୍ଠର ଭଞ୍ଜ ସାମନ୍ତ, ସୁବାସ ସାହୁ ଓ ପ୍ରଦୀପ ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକଟି ଦର୍ଶକଙ୍କ ବେଶ ମନ ମୋହିଥିଲା। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡା ଇ ରାଜା ରାଓ, ମୁଖ୍ୟବକ୍ତା ରୂପେ ନାଟ୍ୟ ଗବେଷକ ଡ ବାୟାମନୁ


ନାଟକର ଏକ ଦୃଶ୍ୟରେ ଅଭିନୟରତ କଳାକାର।

ଚର୍ଚ୍ଚି, ସମ୍ମାନନୀୟ ଅତିଥି ପୂର୍ବତନ କର୍ପୋରେଟର ଜଗନ୍ନାଥ ସାବତ, ସମ୍ମିଳନୀର ସାଧାରଣ ସଂପାଦକ ରମେଶ ମହାରଣା, ଆବାହକ ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତା ଓ ଉପସଭାନେତ୍ରୀ କିରଣବାଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସମ୍ମିଳନୀର ସଭାପତି କେ ବଳରାମ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଟ୍ୟକାର ନିର୍ଦ୍ଦେଶକ ଏସ ରାମବାବୁ, ଲାରା ଲରେନ ମିଶ୍ର ଓ ସୁକାନ୍ତି ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାଜଗୋପାଳ ପାଢି, କାହ୍ନୁ ଚୌଧୁରୀ, ଲୋକନାଥ କାନୁନଗୋ, ସନ୍ତୋଷ ରାଉଳ ଓ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ବାର୍ଷିକ ଉତ୍ସବ

**ଭଞ୍ଜନଗର,୯।୧(ବାବୁଲା ପ୍ରଧାନ)**

ଭଞ୍ଜନଗର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ପାଠଚକ୍ର ସମୂହର ସଭାପତି ଶଶଧର ବେହେରା ମାତୃପତାକା ଉତ୍ତୋଳନ କରିବା ସହ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପଣ୍ଡା ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ମନୀଷା ପଟ୍ଟନାୟକ ମା' ବହି ପାଠ କରିଥିଲେ। ପ୍ରତିମା ମହାରଣା ଧ୍ୟାନ ଓ ପ୍ରାର୍ଥନା ବହି ପାଠ କରିଥିଲେ। ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା, ଭାଗିରଥି ମହାପାତ୍ର, ପୁଷ୍ପା ଅପା, ଜିଲ୍ଲାପରିଷଦ ସଭ୍ୟା ଶୈଳବାଳା ବିଷୋୟୀ, ଶିକ୍ଷାକେନ୍ଦ୍ର ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା ଓ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ନାରୀ ଓ ସମାଜ ଗଠନରେ ନାରୀର ଭୂମିକା ସମ୍ପର୍କରେ କହିଥିଲେ । ସମ୍ପାଦିକା ବିଜୟ ଲକ୍ଷ୍ମୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଜ୍ୟୋର୍ତିମୟୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରତ୍ନମଞ୍ଜରୀ ପାଢ଼ୀ କୃତଜ୍ଞତା ଜ୍ଞାପନ କରିଥିଲେ । ସୁନନ୍ଦା ବେହେରା ମାତୃସଂଗୀତ ଗାନ କରିଥଲେ । ରମେଶ ବେହେରା, ଦିନେଶ ବିଶ୍ୱାଳ, ଗୋପାଳ ପ୍ରଧାନ, ବିଦେଶୀ ସାହୁ, ବସନ୍ତ କୁମାର ଖାଡ଼ଙ୍ଗା ସହଯୋଗ କରିଥିଲେ।

## ୬୫ ଅଭିଯୋଗ ଶୁଣିଲେ ଜିଲାପାଳ

ମୋହନା,୯।୧(ମନ୍ମଥ ମିଶ୍ର)

ମୋହନା ବ୍ଲକ ଲିଲିଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଏସ୍‌ପି ଶ୍ୱାତି ଏସ୍ କୁମାର ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୬୫ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୨୮ଟି ବ୍ୟକ୍ତିଗତ ଓ ୩୭ ଟି ସାମୂହିକ ଅଭିଯୋଗ ଆସିଥିଲା। ଏହି ଅବସରରେ ୫ ଜଣଙ୍କୁ ୫୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରିଛନ୍ତି ଜିଲାପାଳ। ୩ ଜଣଙ୍କୁ ୧୫ ହଜାର ଲେଖାଏଁ ଓ ୨ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ବିଡିଓ ହଳଧର ଶବର, ବ୍ଲକ୍ ଅଧ୍ୟକ୍ଷ ରଞ୍ଜୀବ ଶବରଙ୍କ ଉପସ୍ଥିତ ଥିଲେ।

## ବଡ଼ ଭାଇଙ୍କୁ ହତ୍ୟା ଉଦ୍ୟମ, ସାନ କୋର୍ଟ ଚାଲାଣ

ଗୋପାଳପୁର,୯।୧(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅନ୍ତର୍ଗତ ସିନ୍ଧି ଗାଁ ଟାଟା କଲୋନୀର ବଡ଼ ଭାଇକୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ସାନଭାଇକୁ କୋର୍ଟ ଚାଲାଣ କରିଛି। ସେ ହେଲେ ପି କେଶବ ରେଡ୍ଡୀ। ଏହି ଥାନା ଅଧୀନ ସିନ୍ଧି ଗାଁରେ ସୋମବାର ବଡଭାଇ ପି ଦାନେଶ୍ବୁ ମଧ୍ୟାହ୍ନରେ ବିଲକୁ ଯାଉଥିବା ବେଳେ କେଶବ ଟାଟା ଏସିଇ ଗାଡ଼ିରେ ଆସି ବଡଭାଇକୁ ଧକ୍କା ଦେଇଥିଲେ । ସେ ତଳେ ପଡ଼ିଯିବାରୁ ପୁଣି ପଛରୁ ଧକ୍କା ଦେଇଥିଲେ। ଏହି ସମୟରେ ଦାନେଶ୍ବୁର ସ୍ତ୍ରୀ ପି. ନାର୍ସିମ୍ମା ଦୌଡ଼ି ଆସି ସ୍ୱାମୀକୁ ବଞ୍ଚାଇବା ପାଇଁ ଟାଣି ଦେଇଥିଲା। ସ୍ତ୍ରୀଙ୍କ ପାଟି ଶୁଣି ଗାଁ ଲୋକେ ଆସିବାରୁ ଗାଡ଼ି ଛାଡ଼ି କେଶବ ସେଠାରୁ ଚାଲି ଯାଇଥିଲା। ଗୁରୁତର ଦାନେଶ୍ବୁଙ୍କୁ ବ୍ରହ୍ମପୁର ମେଡିକାଲ ପରେ ଭୁବନେଶ୍ୱର ନିଆଯାଇଥିଲା। ଦାନେଶ୍ବୁଙ୍କ ସ୍ତ୍ରୀଙ୍କ ଏତଲା କ୍ରମେ ପୋଲିସ ନଂ.୧୨/୨୪ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ନିର୍ବାଚନ ପାଇଁ ପୋଲିସ, ସେକ୍ଟର ଅଫିସରଙ୍କୁ ପ୍ରଶିକ୍ଷଣ

ଛତ୍ରପୁର, ୯।୧( ଦିଲ୍ଲୀପ ସାମଲ) :



ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ଲାଗି ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ତତ୍ତ୍ୱାବଧାନରେ ବୈଠକ କରାଯାଇ ବିଭିନ୍ନ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଯେପରିକି, ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ମତଦାତା ନିଜ ନିଜର ମତ ସାବ୍ୟସ୍ଥ କରିପାରିବେ, ସମସ୍ତ ପ୍ରକାର ବର୍ଗର ଲୋକ ଯେପରି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନରେ ଭାଗ ନେଇ ନିଜ ନିଜର ମତ ସାବ୍ୟସ୍ଥ କରିପାରିବେ ସେ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ଗଞ୍ଜାମ ଜିଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ଛତ୍ରପୁର ଉପଖଣ୍ଡସ୍ତରୀୟ ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଗଞ୍ଜାମ ଜିଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡା, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ କୁମାର ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ନିୟୋଜିତ ହେବାକୁ ଥିବା ପୋଲିସ ଓ ସେକ୍ଟର ଅଫିସରମାନଙ୍କୁ ନିର୍ବାଚନୀ ସମ୍ପର୍କିତ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା । ସେକ୍ଟର ଅଫିସରମାନେ ଇଭିଏମ ଉପରେ ଲୋକଙ୍କୁ ବିଭିନ୍ନ ସଚେତନତା କରାଇବେ। ଜିଲାରେ ଭୋଟ ମତଦାନ ନିମନ୍ତେ ୩୦୭୭ ବୁଥ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି ।

# ବରା ଖାଇ ୬ ଅସୁସ୍ଥ, ୩ ଗୁରୁତର

ପାରଳାଖେମୁଣ୍ଡି, ୯।୧(ଗିରିଧାରୀ ପରିଛା):

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ଏସ. ଉରୁଡା ଗ୍ରାମର ଗୋଟିଏ ପରିବାରର ବରା ଖାଇ ୬ଜଣ ଅସୁସ୍ଥ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ରୁସ୍ମାନା ଗମାଙ୍ଗ, ପ୍ରୀତି ଗମାଙ୍ଗ ଓ ସଞ୍ଜିତା ଗମାଙ୍ଗଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ନିଜ ଘରେ ବରା ତିଆରି କରିବା ସମୟରେ ସେଥିରେ ଖାଇବା ଷୋଡା ବଦଳରେ ଭୁଲବଶତଃ ସାର ପକାଇଦେଇଥିବା ଜଣାପଡିଛି। ବରା ଖାଇବା ପରେ ସମସ୍ତେ ଅସୁସ୍ଥତା ଅନୁଭବ କରିଥିଲେ। ସମସ୍ତେ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ପ୍ରଥମେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ୨ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସୁଥିବା ଜଣାପଡ଼ିଛି।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି, ୯।୧(ଗିରିଧାରୀ ପରିଛା):

ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲାପଳ ଆଲୋକ କୁମାର ପ୍ରଧାନ ଓ କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ସାଢ଼େ ୮ଟାରେ ଷ୍ଟାଡିୟମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# କନ୍ଧମାଳ ମହୋତ୍ସବ ଉଦ୍‌ଯାପିତ

ଫୁଲବାଣୀ,୯।୧(ରାକେଶ କୁମାର ରାଉତ)



ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନେଇ କନ୍ଧମାଳ ଷ୍ଟାଡିୟମରେ ଚାଲିଥିବା କନ୍ଧମାଳ ମୋହତ୍ସବ ଓ ପଲ୍ଲୀଶ୍ରୀ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଡଃ ଅଚ୍ୟୁତ ସାମନ୍ତ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଏବଂ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇ କନ୍ଧମାଳର ସଂସ୍କୃତି ଓ ପରମ୍ପରାକୁ ନେଇ ନିଜନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ଉତ୍ସବର ଶେଷ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟଶିଳ୍ପ ଯୋଗ ଦେଇ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ସମେତ ଲୋକ ନୃତ୍ୟ, ପାରମ୍ପରିକ ନାଚ ଗୀତ ପରିବେଷଣ କରିଥିଲେ। ଏମାନଙ୍କ ମଧ୍ୟରେ ଆଧୁନିକ ଓଡ଼ିଆ ଗାୟକ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଏବଂ ଆଧୁନିକ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସେହିପରି ଏହି ୫ ଦିନିଆ ଉତ୍ସବରେ ଗତ ଦିନ ମାନଙ୍କରେ ଆସାମ ର ବିହୁ ନୃତ୍ୟ ଦର୍ଶକଙ୍କୁ ମନ ମୋହିଥିବା ବେଳେ ମଣିପୁର ସମର କଳା ନୃତ୍ୟକୁ ଦର୍ଶକ ଉପଭୋଗ କରିଥିଲେ। କନ୍ଧମାଳ ଜିଲାରେ ପ୍ରଥମ ଥର ହୋଇଥିବା ଷ୍ଟ୍ରବେରିକୁ ମୋହତ୍ସବରେ ଲୋକେ କିଣି ଖାଉଥିବା ଦେଖିବାକୁ ମିଳିଥିଲା। ସେହିପରି ଆଲୋକମାଳାରେ ଝଲସିଥିଲା ସମଗ୍ର ଷ୍ଟାଡିୟମ। ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ନାଚ ଗୀତ ସହ କନ୍ଧମାଳର ହାଲକା ଶୀତ ଲୋକଙ୍କ ମନରେ ଶିହରଣ ସୃଷ୍ଟି କରୁଥିଲା। ଏହି ମହୋତ୍ସବର ଅନ୍ତିମ ଦିବସରେ ବହୁ ମାତ୍ରାରେ ଜନ ସମାଗମ ହୋଇଥିଲା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଇକିଆ,୯।୧(ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ଠାରେ ମଙ୍ଗଳବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୩୧୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ, ଦୃଷ୍ଟିଶକ୍ତି, ଶ୍ରବଣ ବାଧିତ ଇତ୍ୟାଦି ବିଭାଗରେ ଫୁଲବାଣୀରୁ ଆସିଥିବା ଡାକ୍ତରମାନେ ପରୀକ୍ଷା କରିଥିଲେ। ୬ ଜଣଙ୍କୁ ୩ ଚକିଆ ସାଇକେଲ, ୧୦ ଜଣଙ୍କୁ ହ୍ୱିଲଚେୟାର, ୨ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଉପସ୍ଥିତ ରହି ଶିବିର ପରିଚାଳନାର ତଦାରଖ କରିଥିଲେ। ବିଡ଼ିଓ ସିମାଞ୍ଚଳ ମଣ୍ଡଳ, ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ପୂର୍ଣ୍ଣବାସୀ ଦାସ, ଦିନେଶ ବେହେରା, ଜିଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଭାପତି ରାଜକିଶୋର ଦିଗାଲ ଏବଂ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ପରିଚାଳନା କରିଥିଲେ ।

## ଚିନାବାଦାମ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଛତ୍ରପୁର,୯।୧(ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକର ଚମାଖଣ୍ଡିସ୍ଥିତ ଗ୍ରାମ୍ୟ ଶିଳ୍ପ ଉଦ୍ୟାନରେ ଓରମାସ ଓ ମିଶନ ଶକ୍ତି ମହିଳାମାନଙ୍କ ମଧ୍ୟରେ ଏକ ଚୀନା ବାଦାମ ପ୍ରକ୍ରିୟାକରଣ କେନ୍ଦ୍ର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି କେନ୍ଦ୍ରରେ ଆଗାମୀ ଦିନରେ ଓରମାସ ଓ ମିଶନ ଶକ୍ତି ମହିଳାମାନେ କାମ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତିଭାସନ ଗଞ୍ଜାମ ଏସପି ଜଗମୋହନ ମିନା, ବିଡ଼ିଓ ସୁଶାନ୍ତ ବରାଳ, ଓରମାସ ଜିଲା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରାଶନ ଚାଉଳ ପାଇବାରୁ ବଞ୍ଚିତ ଦୂତୀମେଣ୍ଡିବାସୀ

**ଖଜୁରିପଡ଼ା,୯।୧(ବିଦୁର ବେହେରା)**

ଗରିବ ଖଟିଖିଆ ଲୋକଙ୍କ ପାଇଁ ଦୁଇ ଓଳି ଖାଇବାକୁ ଯୋଗାଇ ଦେବା ପାଇଁ ଖାଦ୍ୟ ନିରାପତ୍ତା ଆଇନ କରି ସରକାର ପ୍ରତି ପଞ୍ଚାୟତରେ ରାଶନ କାର୍ଡ ଧାରୀଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି। କିନ୍ତୁ କିଛି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ନିରୀହ ଗରିବ ଜନସାଧାରଣ ମାନେ ସରକାରଙ୍କ ରାଶନ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଦେଖିବାକୁ ମିଳିଛି ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୁତୀମେଣ୍ଡି ପଞ୍ଚାୟତରେ। ବ୍ଲକର ପ୍ରତି ପଞ୍ଚାୟତରେ ରାଶନ ଚାଉଳ ବଣ୍ଟନ ହେଉଥିବା ବେଳେ ଦୁତୀମେଣ୍ଡି ପଞ୍ଚାୟତକୁ ଏ ପର୍ଯ୍ୟନ୍ତ ଚାଉଳ ଆସି ନାହିଁ। ଏହି ପଞ୍ଚାୟତବାସୀ ଦୂତୀପଡା ଲ୍ୟାମ୍ପ ସି. ଏସ ତରଫରୁ ଦୁତୀମେଣ୍ଡିଠାରେ ରାଶନ ଚାଉଳ ପାଉଥିଲେ କିନ୍ତୁ କଣ ହେଲା ଯେ ଏ ପର୍ଯ୍ୟନ୍ତ ରାଶନ ଚାଉଳ ଲ୍ୟାମ୍ପକୁ ଆସିଲା ନାହିଁ । ଏ ନେଇ ଦୂତିପଡା ଲ୍ୟାମ୍ପ ସି. ଏସ ଶାଖା ପରିଚାଳକ ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରୁ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଚାଉଳ ବଣ୍ଟନ ମେସିନକୁ ମୁଁ ଉପସ୍ଥିତ ନ ଥିବା ବେଳେ ହଠାତ ଆସି ମେସିନ ନେଇ ଯାଇଛନ୍ତି । ଆମ୍ଭକୁ ଚାଉଳ ବଣ୍ଟନରେ ତ୍ରୁଟି ଦେଖେଇ ନୋଟିସ କରିଥିଲେ। ଯାହାର ରିପୋର୍ଟ ଆମେ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ଏବଂ ଉପ ଜିଲାପାଳ କନ୍ଧମାଳଙ୍କୁ ଦେଇଛୁ । କାହିଁକି ମେସିନ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ନେଇଛନ୍ତି ବୋଲି ପଚାରି ପାଇଁ ଫୋନ କରାଯାଇଥିଲେ ସୁଦ୍ଧା ଯୋଗାଯୋଗ ହୋଇ ପାରି ନାହିଁ । ପ୍ରତି ପଞ୍ଚାୟତରେ ଚାଉଳ ବଣ୍ଟନ ହେଉଥିବା ବେଳେ କାହିଁକି ଚାଉଳ ଦୂତିମେଣ୍ଡି ପଞ୍ଚାୟତକୁ ଦିଆଯାଇନାହିଁ ବୋଲି ବିଡିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁଙ୍କୁ ପଚାରିବାରୁ କିଛି ଦିନ ମଧ୍ୟରେ ଚାଉଳ ଦିଆଯିବ ବୋଲି ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ରାଜସ୍ୱ ଅମଲା

ଛତ୍ରପୁର,୯।୧(ସନ୍ତୋଷ ପାଢ଼ୀ):

ରାଜସ୍ୱ ଅମଲା ସଂଘ ଗଞ୍ଜାମ ଶାଖା ପକ୍ଷରୁ ଦୀର୍ଘ ୬ ବର୍ଷ ଧରି ଅମଲା ସଂଘ ପକ୍ଷରୁ ରୀତିମତ ଭାବରେ ଆନ୍ଦୋଳନ କରାଯାଉଥିଲା। ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମା' ତାରାତାରିଣୀଙ୍କ ପୀଠରେ ଦୀପ ପ୍ରଜ୍ୱଳନ କରି ଅମଲା ସଂଘ ପକ୍ଷରୁ ଦାବି କରାଯାଉଥିଲା। ଦୀର୍ଘ ୬ ବର୍ଷର ପ୍ରତିକ୍ଷିତ ଦାବି ରାଜସ୍ୱ ଅମଲା ସଂଘର ସ୍ୱତନ୍ତ୍ର କ୍ୟାଡର ମାନ୍ୟତା ଦାବିକୁ ସରକାର ପୂରଣ କରିଛନ୍ତି। ତେଣୁ ସରକାରଙ୍କୁ ରାଜସ୍ୱ ଅମଲା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଓ ରାଜସ୍ୱ ଅମଲା ସଂଘର ମାର୍ଗଦର୍ଶକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜସ୍ୱ ଗଞ୍ଜାମ ଶାଖା ଅଧ୍ୟକ୍ଷ ଉଦୟ କୁମାର ଦାସ, ସଭାପତି ରଜନୀ କାନ୍ତ, ସମ୍ପାଦକ କୃପାସିନ୍ଧୁ ସ୍ୱାଇଁ, ସୁରେଶ କୁମାର ରେଡ୍ଡୀ, ଦିଲେଶ୍ୱର ରେଡ୍ଡୀ, ଗିରିଜା ମିଶ୍ର, କୃପାସିନ୍ଧୁ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ବହୁ ଅମଲା ସଂଘ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଏସ୍‌କେୱାଇ-ନବୀନ କାର୍ଡ ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି, ୯।୧ (ଗିରିଧାରୀ ପରିଛା):

ବିଏସକେୱାଇ ନବୀନ କାର୍ଡର ୨ଟି ସଚେତନତା ରଥ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲାର ୭ଟି ବ୍ଲକର ପ୍ରତି ଗ୍ରାମକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇବ। ଯେଉଁମାନେ ବିଏସ୍‌କେୱାଇରୁ ବାଦ ପଡ଼ିଛନ୍ତି ସେମାନେ ୬ରୁ ୧୬ ତାରିଖ ମଧ୍ୟରେ ଆବେଦନ କରିପାରିବେ। ପ୍ରତି ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି। ଏହି କାର୍ଡ ଆସନ୍ତା ୨୦୨୪ ମେ ୧ ରୁ କାର୍ଯ୍ୟ କରିବ। ଆବେଦନ ପାଇଁ ଅନଲାଇନ ରେ www.bskynabin.odisha.gov.in ସାଇଟକୁ ଯାଇ ନିଜେ ପଞ୍ଜିକରଣ କରିପାରିବେ କିମ୍ବା ମୋ ସେବା କେନ୍ଦ୍ରରେ ବିନା ଦେୟରେ ଆବେଦନ କରିପାରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା.ମହମ୍ମଦ ଅଲ୍ଲୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଡା.ନେତ୍ରାନନ୍ଦ ଶତପଥୀ, ସନ୍ତୋଷ କୁମାର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନତା ରଥର ଶୁଭାରମ୍ଭ



**ଛତ୍ରପୁର,୯।୧(ଦିଲୀପ ସାମଲ):**

ଟିବିମୁକ୍ତ ପଞ୍ଚାୟତ ଓ ଏଚଆଇଭି ସଚେତନତା ନେଇ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଏକ ସଚେତନତା ବୈଠକ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯକ୍ଷ୍ମା ରୋଗର ମୂଳ ଉତ୍ପାଟନ ଲାଗି ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏକ ଯକ୍ଷ୍ମାମୁକ୍ତ ଭାରତ ଗଠନ କରିବା ପାଇଁ ପଞ୍ଚାୟତସ୍ତରରୁ ଏଭଳି ଉଦ୍ୟମ କରାଯାଇଥିବା ଅତିରିକ୍ତ ଜିଲାପାଳ ଶ୍ରୀମତୀ ଖେସ କହିଛନ୍ତି । ଏଚ୍‌ଆଇଭି ନିରାକରଣ ଲାଗି ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ଶ୍ରୀମତୀ ଖେସ ପୁରସ୍କୃତ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଏସ୍‌କେୱାଇ ନବୀନ କାର୍ଡ ଏବଂ ଏଚଆଇଭି ଏଡ୍‌ସର ୩ଟି ଲେଖାଏଁ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଏଚ୍‌ଆଇଭି ଏଡ୍‌ସର ନିରାକରଣ ନେଇ ସଚେତନତା କରିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉମାଶଙ୍କର ମିଶ୍ର, ଆରଟିଓ ମାନସ ରଞ୍ଜନ ସାହୁ, ବ୍ରହ୍ମପୁର ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ, ଛତ୍ରପୁର ଭାରପ୍ରାପ୍ତ ଶ୍ରମ ଅଧିକାରୀ ବି. ହୃଷିକେଶ ରାଓ, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ମିଶ୍ର, ଆକ୍ସନ ଏଡର ଜିଲା ସଂଯୋଜକ ଦେବବ୍ରତ ମାହାନ୍ତଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ପ୍ରଚାର କରିବେ କଳାକାର

ଛତ୍ରପୁର, ୯।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ଗଞ୍ଜାମ ଜିଲାର ପାରମ୍ପରିକ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ସମ୍ପର୍କରେ ଗଞ୍ଜାମ ଜିଲାସ୍ତରୀୟ ଏକଦିବସୀୟ କର୍ମଶାଳା ଜିଲା ସଂସ୍କୃତିଭବନ ଛତ୍ରପୁରଠାରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ଉପ ସଭାପତି ମହେଶ୍ୱର ବରାଡ ସ୍ୱାଗତ ସମ୍ଭାଷଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସୂଚନା ଓ ଲୋକ ସମ୍ପର୍କ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗୀୟ ସୂଚନା, ଶିକ୍ଷା ଓ ଯୋଗାଯୋଗର ମାର୍ଗଦର୍ଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରବି ନାରାୟଣ ବେହେରା, ଜିଲା ସଂସ୍କୃତି ଅଧିକାରୀ ରାଧେକୃଷ୍ଣ ରାମ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପାଢ଼ୀ ଓ ଆକାଶବାଣୀ ଉଦଘୋଷକ ଅରୁଣ କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ରହି ୨୨ ବ୍ଲକର ଉପସ୍ଥିତ ଥିବା ବିଏସଏସ, ଉପସଭାପତି ଓ ବୟୋଜ୍ୟେଷ୍ଠ କଳାକାରମାନଙ୍କୁ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ପ୍ରଚାର ଓ ପ୍ରସାର କରିବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରି ସରକାରଙ୍କ ମାର୍ଗ ଦର୍ଶିକା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଆସନ୍ତା ୧୭ ତାରିଖ ମଧ୍ୟରେ ବ୍ଲକସ୍ତରରେ ବ୍ଲକକଳା ସଂସ୍କୃତି ସଂଘରେ ସାମିଲ ଥିବା କଳାକାରମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର କରିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ୨୩ ତାରିଖଠାରୁ ଫେବୃଆରୀ ୨୦ ପର୍ଯ୍ୟନ୍ତ ଜିଲାର ପ୍ରତି ଗ୍ରାମାଞ୍ଚଳରେରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି କାର୍ଯ୍ୟକ୍ରମ ରହିଛି ।

# ମିଲରଙ୍କ ନିୟନ୍ତ୍ରଣରେ ଯୋଗାଣ ବିଭାଗ

**ଭଞ୍ଜନଗର,୯।୧(ବାବୁଲା ପ୍ରଧାନ):**

**ଚାଷୀମାନଙ୍କ ଅଭିଯୋଗ**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଘୁମୁସର କେଟଲ ସମିତି, ଋଷିକୁଲ୍ୟା ରୟତ ମହାସଂଘ ଏବଂ ବାର୍ତ୍ତର ମିଳିତ ସହଯୋଗରେ ମଙ୍ଗଳବାର ସ୍ଥାନୀୟ ଆଞ୍ଚଳିକ ନିୟନ୍ତ୍ରିତ ବଜାର ସଭା ଗୃହରେ ଧାନ କିଣା ନିୟମ ଉପରେ ଏକ ସଚେତନା ସଭା ହୋଇଥିଲା। ଏହାକୁ ରୟତ ମହାସଂଘ ସମ୍ପାଦକ ସିମାଞ୍ଚଳ ନାହାକ ଉଦ୍‌ଘାଟନ କରିଥିଲେ। ସରକାରଙ୍କ ଧାର୍ଯ୍ୟ ଏମଏସପି କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଚାଷୀ ପାଇବା କଥା କିନ୍ତୁ ଏଫଏକ୍ୟୁ ନାମରେ ମିଲ ମାଲିକମାନେ କୁଇଣ୍ଟାଲ ପିଛା ୮କେଜି ଧାନ ଠକୁଛନ୍ତି। ଏନେଇ ଯୋଗାଣ ବିଭାଗ ନୀରବଦ୍ରଷ୍ଟା ସାଜୁଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଅନେକ ଗ୍ରାମରେ ଦଲାଲଙ୍କୁ ଚାଷୀ ନାମରେ ପଞ୍ଜୀକୃତ କରାଯାଇଛି। ଓଜନ ଓ ମାପରେ ଠକାମି , ଅଖାସୂତା ପଇସା ଚାଷୀଙ୍କ ଠାରୁ ଆଦାୟ, ଧାନର ପ୍ରକାର ନିର୍ଦ୍ଧାରଣ, ଭାଗଚାଷୀ ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଉଛି ବୋଲି ଚାଷୀ ଅଭିଯୋଗ କରିଥିଲେ। ଚଳିତ ବର୍ଷ ଘୁମୁସର ରାଜସ୍ୱ ଉପଖଣ୍ଡରେ ୪୭,୧୦୯ ଚାଷୀ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ଠାରୁ ୧୫ଲକ୍ଷରୁ ଉର୍ଦ୍ଧ କୁଇଣ୍ଟାଲ ଧାନ କିଣିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ ରଖିଛନ୍ତି । ଏଥିପାଇଁ ୪୦ଟି ମହିଳା ଆତ୍ମା ସହାୟକ ଦଳ ଓ ୧୧୯ କୃଷି ସମବାୟ ସମିତି ନିୟୋଜିତ ଅଛନ୍ତି । କିନ୍ତୁ ପରୋକ୍ଷରେ ମିଲ ମାଲିକମାନେ ହିଁ ଅଧିକାଂଶ ସୋସାଇଟି ଏବଂ ଏସ୍‌ଏଚ୍‌ଜିଗୁଡିକୁ ପରିଚାଳନା କରୁଛନ୍ତି। ୭୦ ଭାଗ ପ୍ରକୃତ ଚାଷୀ ଓ ଭାଗ ଚାଷୀ ସରକାରଙ୍କ ପୋର୍ଟାଲରେ ନାମ ପଞ୍ଜୀକୃତ କରି ନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲିବା ଯୋଗୁ ଚାଷୀମାନେ ଅଭାବୀ ଧାନ ବିକ୍ରିର ସମ୍ମୁଖିନ ହୋଇଛନ୍ତି। ସମସ୍ତ ଖାଉଟି କଲ୍ୟାଣ ଯୋଜନା ଗଞ୍ଜାମ ଜିଲା ସଦର ମହକୁମା ମିଲ ମାଲିକମାନେ ଯୋଗାଣ ବିଭାଗ ଆଦେଶକୁ ମାନୁଛନ୍ତି, କିନ୍ତୁ ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ବିପରୀତ। କୌଣସି ବିଦ୍ୟାଳୟରେ ଖାଉଟି କ୍ଲବ ନଖୋଲିବା, ଖାଉଟି ସଚେତନାତା ଶିବିର ନକରି ଭଞ୍ଜନଗର ଘୁମୁସର ରାଜସ୍ୱ ଉପଖଣ୍ଡ କ୍ଷେତ୍ରକୁ ଅଣଦେଖା କରାଯାଉଛି ବୋଲି ବହୁ ଖାଉଟି ଅଭିଯୋଗ କରିଛନ୍ତି। ଖାଉଟି ସୁରକ୍ଷା ଓ ଅଧିକାର ବିଷୟରେ ବାର୍ତ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କହିଥିଲେ। ବହୁ ଚାଷୀ, ମହିଳା ଗୋଷ୍ଠୀ ଆରଏମ୍‌ସି ଠାରୁ ରାଲି ବାହାର କରି ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇ ଡେପୁଟି କଲେକ୍ଟରଙ୍କୁ ସ୍ମାରକ ପତ୍ର ଦେଇଥିଲେ। ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ନେତା ବିରେନ୍ଦ୍ର ନାୟକ ଓ ରବିନାରାୟଣ ଶତପଥୀ ସୂଚନା ଦେଇଛନ୍ତି। ।

